# NATIONAL NEWS BULLETIN (ODIA)

**20 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୟୁଏଇ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ୩ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୧୦ବର୍ଷୀଆ ଏଲ୍‌ଏନ୍‌ଜି କ୍ରୟ-ବିକ୍ରୟ ଚୁକ୍ତି ସ୍ୱାକ୍ଷରିତ ।

- ବିଜେପିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବରିଷ୍ଠ ବିଜେପି ନେତୃବୃନ୍ଦ ଜଣାଇଲେ ଶୁଭେଚ୍ଛା ।

- ଆମେରିକାର ଶୁଳ୍କ ଚେତାବନୀ ଉପରେ ଆଲୋଚନା ପାଇଁ ଆସନ୍ତା ଗୁରୁବାର ବସିବ ୟୁରୋପୀୟ ସଂଘ ଦେଶଗୁଡ଼ିକର ଜରୁରୀ ବୈଠକ ।

ଏବଂ

- ଲଦାଖର ଲେହରେ ଆରମ୍ଭ ହେଲା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ଷଷ୍ଠ ସଂସ୍କରଣ ।

# ଏଡିଏନ୍‌ଓସି-ଏଚ୍‌ପିସିଏଲ୍

ଆବୁଧାବି ନ୍ୟାସନାଲ ଅଏଲ୍ କମ୍ପାନୀ - ଏଡିଏନ୍‌ଓସି ଗ୍ୟାସ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ - ଏଚ୍‌ପିସିଏଲ୍ ମଧ୍ୟରେ ଲିକ୍ୟୁଫାଏଡ ନ୍ୟାଚୁରାଲ ଗ୍ୟାସ୍ - ଏଲ୍‌ଏନ୍‌ଜି ବିକ୍ରି ଓ କ୍ରୟ ନେଇ ପ୍ରାୟ ୩ ବିଲିୟନ ଆମେରିକୀୟ ଡଲାରର ଏକ ୧୦ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସଂଯୁକ୍ତ ଆରବ ଏମିରେଟ୍‌ସ-ୟୁଏଇ ରାଷ୍ଟ୍ରପତି ସେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହେନଙ୍କ ଭାରତ ଗସ୍ତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା ଅବସରରେ ଏହି ଚୁକ୍ତି ନେଇ ଘୋଷଣା କରାଯାଇଛି ।

ଦୁଇକମ୍ପାନୀ ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଏଚ୍‌ପିସିଏଲ୍‌କୁ ଏଡିଏନ୍‌ଓସି ଗ୍ୟାସ୍ ବାର୍ଷିକ ଶୂନ ଦଶମିକ ୫ ମିଲିୟନ ଟନ୍ ଏଲ୍‌ଏନ୍‌ଜି ଯୋଗାଇଦେବ । ଏଡିଏନ୍‌ଓସି ଗ୍ୟାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫାତେମା ଅଲ୍ ନୁଆମି ୟୁଏଇ ଓ ଭାରତ ମଧ୍ୟରେ ଶକ୍ତି ଭାଗିଦାରିତାକୁ ସୁଦୃଢ଼ କରିବା ଦିଗରେ ଏଚ୍‌ପିସିଏଲ୍ ସହ କରାଯାଇଥିବା ଦୀର୍ଘମିଆଦି ଏଲ୍‌ଏନ୍‌ଜି ଯୋଗାଣ ବୁଝାମଣା ନେଇ ଖୁସିବ୍ୟକ୍ତ କରିଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ଅଂଶଧନକୁ ୧୫ପ୍ରତିଶତ ବୃଦ୍ଧି କରିବା ନେଇ ଏହି ଚୁକ୍ତି ଭାରତର ଯୋଜନାକୁ ସହାୟକ ହେବ ବୋଲି ଏଡିଏନ୍‌ଓସି ପକ୍ଷରୁ କୁହାଯାଇଛି ।

# ବିଜେପି-ନିଉ ପ୍ରେସିଡେଣ୍ଟ

ବିଜେପିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନୀତିନ ନବୀନ ଆଜି ଆନୁଷ୍ଠାନିକ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟଠାରେ ଅନୁଷ୍ଠିତ ସଂଗଠନ ପର୍ବରେ ଦଳର ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡକ୍ଟର କେ. ଲକ୍ଷ୍ମଣ ଆଜି ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନଙ୍କ ନାମ ଘୋଷଣା କରିବା ସହ ତାଙ୍କୁ ନିର୍ବାଚନୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ଜେ.ପି. ନଡ୍ଡା ଓ ନୀତିନ ଗଡକରୀ ନବନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବାରୁ ନବୀନଙ୍କୁ ଅଭିନନ୍ଦନ ଜଣାଇବା ସହ ବିଜେପିକୁ ବିଶ୍ୱର ସର୍ବବୃହତ୍ ଦଳ ଭାବେ ଅଭିହିତ କରିଥିଲେ ।

**V/O (PM Modi)**

ନବନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନବୀନ ବିଜେପିର ପରମ୍ପରାକୁ ଆଗେଇ ନେବେ ବୋଲି ଆଶାପ୍ରକଟ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ନବୀନ ଦେଶର ପ୍ରମୁଖ ଅର୍ଥନୈତିକ, ସାମାଜିକ ଏବଂ ବୈଷୟିକ ପରିବର୍ତ୍ତନର ସାକ୍ଷୀ ହୋଇଥିବା ନୂତନ ପୀଢ଼ିର ପ୍ରତିନିଧିତ୍ୱ କରୁଥିବା ଭଳି ବ୍ୟକ୍ତି ମଧ୍ୟରୁ ଜଣେ । ନବୀନଙ୍କର ଯୁବଶକ୍ତି

ଏବଂ ସାଂଗଠନିକ କାର୍ଯ୍ୟରେ ବ୍ୟାପକ ଅଭିଜ୍ଞତା ରହିଛି, ଯାହା ଦଳର ପ୍ରତ୍ୟେକ କର୍ମୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ବୋଲି ମୋଦୀ ଗୁରୁତ୍ୱ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଗତ କିଛିମାସ ଧରି ବିଜେପି ସଂଗଠନର କ୍ଷୁଦ୍ରତମ ଶାଖାଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟକାରୀ ହୋଇଛି ।

କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନବୀନଙ୍କ ନିର୍ବାଚନକୁ ପ୍ରଶଂସା କରିବା ସହ ଏହାକୁ ଏକ ଐତିହାସିକ ଅବସର ବୋଲି କହିଛନ୍ତି ।

**V/O (JP Nadda)**

ଶ୍ରୀ ନଡ୍ଡା କହିଛନ୍ତି ନବୀନ ତାଙ୍କ ଆଦର୍ଶଗତ ପୃଷ୍ଠଭୂମିରେ ପରିପକ୍ୱ ଏବଂ ସେ କମ୍ ବୟସରେ ୫ଥର ବିଧାୟକ ହୋଇପାରିଛନ୍ତି । ଜଣେ ଯୁବ, ଶକ୍ତିଶାଳୀ ଏବଂ ପ୍ରତିଭାବାନ ବ୍ୟକ୍ତିଭାବେ ସେ ଦଳର ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି ।

---

# ଟ୍ରମ୍ପ-ୟୁରୋପୀୟ ୟୁନିୟନ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନ୍‌ଲାଣ୍ଡ ଅଧିଗ୍ରହଣ କରିବାର ଇଚ୍ଛାସହିତ ଜଡିତ ଆମେରିକାର ଶୁଳ୍କ ଧମକ ଉପରେ ଆଲୋଚନା ପାଇଁ ୟୁରୋପୀୟ ସଂଘ ଦେଶ ଗୁଡ଼ିକର ନେତାମାନେ ଆସନ୍ତା ଗୁରୁବାର ଏକ ଜରୁରୀ ବୈଠକ ଡାକିଛନ୍ତି । ୟୁରୋପୀୟ ଆୟୋଗର ମୁଖପାତ୍ର ଓଲଫ ଗିଲ୍ କହିଛନ୍ତି, ୟୁରୋପୀ ସଂଘ ଶୁଳ୍କ ବିପଦକୁ ନେଇ ୱାଶିଂଟନ୍ ସହିତ

ସବୁସ୍ତରରେ କଥାବାର୍ତ୍ତା କରୁଛି । ଏହାର ଅର୍ଥନୈତିକ ସ୍ୱାର୍ଥ ରକ୍ଷା ପାଇଁ ସଂଘ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରୁଛି । କୌଣସିପ୍ରକାର ବିପଦପୂର୍ଣ୍ଣ ଶୁଳ୍କ ଲାଗୁ କରାଗଲେ ଏହାର ଜବାବ ଦେବାକୁ ୟୁରୋପୀୟ ସଂଘ ପ୍ରସ୍ତୁତ ଅଛି ବୋଲି ଗିଲ୍ କହିଛନ୍ତି । ଗତ ରବିବାର ଦିନ ୟୁରୋପୀୟ ସଂଘ ରାଷ୍ଟ୍ରଦୂତମାନେ ସମାନ ପ୍ରସଙ୍ଗରେ ବ୍ରୁସେଲ୍ସରେ ଏକ ଜରୁରୀ ବୈଠକରେ ସମ୍ମିଳିତ ହୋଇଥିଲେ ।

## ଟିଏନ୍-ଭଗର୍ଣ୍ଣର

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍.ରବି ଆଜି ରାଜ୍ୟ ବିଧାନସଭାରେ ତାଙ୍କ ପାରମ୍ପରିକ ଅଭିଭାଷଣର ଅଂଶଭାବରେ ଡିଏମ୍‌କେ ସରକାର ପ୍ରସ୍ତୁତ କରିଥିବା ପାଠ୍ୟରେ ତ୍ରୁଟିଥିବା ଦର୍ଶାଇ ତାହାକୁ ପଢ଼ିବା ପାଇଁ ମନା କରିଦେଇଛନ୍ତି । ଏ ସମ୍ପର୍କରେ ଲୋକଭବନ ପକ୍ଷରୁ ବିସ୍ତୃତ ସ୍ପଷ୍ଟୀକରଣ ଜାରି କରାଯାଇ କୁହାଯାଇଛି ରାଜ୍ୟପାଳଙ୍କୁ କହିବା ପାଇଁ ଏକ ସୁଯୋଗରୁ ବଞ୍ଚିତ କରାଯାଇଥିଲା । ରାଜ୍ୟପାଳଙ୍କ ମାଇକ୍ରୋଫୋନ ବାରମ୍ବାର ସୁଇଚ୍‌ଅପ୍ ହେବା ପରେ ତାଙ୍କୁ ଅଭିଭାଷଣ ପଢ଼ିବାକୁ ମନା କରାଯାଇଥିଲା ଏବଂ ତାଙ୍କୁ ଗୃହ ସମ୍ମୁଖରେ ନିଜର ମତ ରଖିବାକୁ ଅନୁମତି ଦିଆଯାଇନଥିଲା ।

ଲୋକଭବନ ପକ୍ଷରୁ କୁହାଯାଇଛି ତାମିଲନାଡୁ ସରକାର ଦାବି କରିଛନ୍ତି ଯେ, ରାଜ୍ୟ ୧୨ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବିନିଯୋଗ କରିଛି, ଯାହା ସତ୍ୟଠାରୁ ବହୁଦୂରରେ । ରାଜ୍ୟପାଳ ରବି ତାଙ୍କର ଅଭିଭାଷଣ ନ ଦେଇ ୨୩୪ ସଦସ୍ୟ ବିଶିଷ୍ଟ ଗୃହରୁ ବାହାରି ଯିବାର କିଛିମିନିଟ୍ ପରେ ଲୋକଭବନ ପକ୍ଷରୁ ସେ ଅଭିଭାଷଣ ନ ପଢ଼ିବାର

କାରଣ ସମ୍ପର୍କରେ ୧୩ଦଫାର ବ୍ୟାଖ୍ୟା ଜାରି କରାଯାଇଥିଲା । ଲୋକଭବନ କହିଛି ଭାଷଣରେ ଅନେକ ଅପ୍ରମାଣିତ ଦାବି ଏବଂ ବିଭ୍ରାନ୍ତିକର ବିବୃତି ରହିଥିଲା । ଲୋକଙ୍କୁ ଅସୁବିଧାରେ ପକାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଥିରୁ ଏଡାଇ ଦିଆଯାଇଥିଲା । ଜାତୀୟ ସଂଗୀତ ଗାନ କରାଯାଇନଥିବା କାରଣରୁ ରାଜ୍ୟପାଳ କକ୍ଷତ୍ୟାଗ କରିଥିଲେ ।

ଏ ସମ୍ପର୍କରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ କହିଛନ୍ତି ଯେ, ରାଜ୍ୟପାଳ ରବି ଏକ ନିର୍ବାଚିତ ସରକାରକୁ ଅସମ୍ମାନ କରିବା ଭଳି କାର୍ଯ୍ୟ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ । ବିଧାନସଭାର ବାଚସ୍ପତି ଏମ୍. ଅପ୍ପାଭୁ ରାଜ୍ୟପାଳଙ୍କ ଅଭିଭାଷଣର ଅନୁବାଦ ପଢ଼ିବା ଆରମ୍ଭ କରିବା କ୍ଷଣି ବିରୋଧୀ ସଦସ୍ୟ ଏ.ଆଇ.ଡି.ଏମ୍.କେ, ବିଜେପି ଏବଂ ପିଏମ୍କେର ଅନୁବନ୍ଧିତ ଦଳର ସଦସ୍ୟମାନେ ଗୃହରେ ଠିଆହୋଇ ତାମିଲନାଡୁର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପରେ ବିଧାନସଭାରେ ଆଲୋଚନା କରାଯିବା ଉଚିତ୍ ବୋଲି ଦାବି କରିଥିଲେ ।

---

## ଇଡି-ସାବରିମେଳା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଆଜି କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକର ୨୧ଟି ସ୍ଥାନରେ ଚଢ଼ଉ କରିଛି । ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ସାବରିମାଳା ମନ୍ଦିର ସହ ଜଡିତ ସୁନା ଏବଂ ଅନ୍ୟାନ୍ୟ ମନ୍ଦିର ସମ୍ପତ୍ତିର ଅପବ୍ୟବହାର ମାମଲାରେ ଏହି ଚଢ଼ଉ କରାଯାଇଛି । ତ୍ରାଭାଙ୍କୋର ଦେଓସମ ବୋର୍ଡର ଅଧିକାରୀ, ଘରୋଇ ବ୍ୟକ୍ତିବିଶେଷ, ମଧ୍ୟସ୍ଥି ଏବଂ ଅଳଙ୍କାର ବ୍ୟବସାୟୀ ମିଳିତଭାବେ ସାବରିମେଳା ସମ୍ପତ୍ତିର ଅପ ବ୍ୟବହାର କରିଥିବା ଅଭିଯୋଗ ଉପରେ କେରଳ ଅର୍ଥନୈତିକ

ଅପରାଧ ଶାଖା ଏଫ୍‌ଆଇଆର୍ ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ସରକରୀ ରେକର୍ଡରେ ପବିତ୍ର କଳାକୃତି ପିନ୍ଧିଥିବା ସୁନାକୁ ଜାଣିଶୁଣି ତମ୍ବାର ପ୍ଲେଟ୍ ଭାବରେ ଦର୍ଶାଯାଇଛି । ଏହିସବୁ ସ୍ୱର୍ଣ୍ଣଖଚିତ କଳାକୃତୀକୁ ୨୦୧୯ରୁ ୨୦୨୫ ମଧ୍ୟରେ ମନ୍ଦିର ପରିସରରୁ ବେଆଇନ ଭାବରେ ଅପସାରିତ କରିନିଆଯାଇଛି । ଚେନ୍ନାଇ ଏବଂ କର୍ଣ୍ଣାଟକର ଘରୋଇ କାରଖାନା ଗୁଡ଼ିକରେ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ସୁନା ବାହାର କରାଯାଇ ବେଆଇନ ଭାବେ ଆୟ ବୃଦ୍ଧି କରାଯାଇଛି । ଅପରାଧର ଉତ୍ସ ଖୋଜିବା, ହିତାଧିକାରୀଙ୍କୁ ଚିହ୍ନଟ କରିବା, ଅପରାଧିକ ପ୍ରମାଣପତ୍ର ଏବଂ ଡିଜିଟାଲ ପ୍ରମାଣଗୁଡ଼ିକୁ ଜବତ କରିବା ସହିତ କେତେ ପରିମାଣରେ ଅର୍ଥ କାରବାର ହୋଇଛି ତାହା ଜାଣିବା ପାଇଁ ଇଡି ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ।

## ପାକିସ୍ତାନ-ରେଲୱେ ଟ୍ରାକ୍

ପାକିସ୍ତାନର ଡେରାମୁରାଦ ଜାମାଲିଠାରେ ଗତକାଲି କେତେକ ଲୋକ ରେଳ ଧାରଣାର କିଛି ଅଂଶ ବିସ୍ଫୋରଣ କରି ଉଡାଇଦେବା ପରେ କ୍ୱେଟା ଓ ଅବଶିଷ୍ଟ ପାକିସ୍ତାନ ମଧ୍ୟରେ ରେଳ ଯୋଗାଯୋଗ କିଛିଘଣ୍ଟା ପାଇଁ ବିଚ୍ଛିନ୍ନ ହୋଇଥିଲା । ପୁଲିସ କହିଛି ଯେ କେତକେ ଅଜଣା ବ୍ୟକ୍ତି ନାସିରାବାଦ ଜିଲ୍ଲାର ଡେରାମୁରାଦ ଜମାଲି ମୁଖ୍ୟ ରେଷ୍ଟେସନକୁ ବିସ୍ଫୋରଣ କରି ଉଡାଇ ଦେବା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିଲା ।

## ଡବ୍ଲ୍ୟୁପିଏଲ୍ କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଆଜି ବି.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ' ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬୧ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରିଛି ।

## ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ଷଷ୍ଠ ସଂସ୍କରଣ ଆଜି ଲଦାଖର ଲେହରେ ଆରମ୍ଭ ହୋଇଛି। ଉପରାଜ୍ୟପାଳ କଭିନ୍ଦର ଗୁପ୍ତା ଏହାକୁ ଉଦ୍‌ଘାଟନ କରିଛନ୍ତି । ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଖେଳାଳିମାନେ ଆଇସ୍ ସ୍ପୋର୍ଟିଂ ଇଭେଣ୍ଟ୍ସ-ହକି ଓ ସ୍କେଟିଂ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୂର୍ବରୁ ସ୍ପିଡ୍ ସ୍କେଟିଂ ଓ ସର୍ଟ ଟ୍ରାକ୍ ସ୍କେଟିଂ ଖେଲୋ ଇଣ୍ଡିଆରେ ଥିବାବେଳେ ଚଳିତଥର ଅଲିମ୍ପିକ ଖେଳ ଫିଗର ସ୍କେଟିଂକୁ ଏହି ସଂସ୍କରଣରେ ସାମିଲ କରାଯାଇଛି । ଏନ୍‌ଡିଏସ୍ ଆଇସ୍ ହକି ଷ୍ଟାଡିୟମରେ ଆଇସ୍ ହକି ଖେଳ ଅନୁଷ୍ଠିତ ହେବା ।

ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡାରେ ଏକ ହଜାରରୁ ଅଧିକ ପୁରୁଷ ଏବଂ ମହିଳା ଖେଳାଳିଙ୍କ ସମେତ ପ୍ରଶିକ୍ଷକ ଏବଂ ବୈଷୟିକ ଅଧିକାରୀମାନେ  ଅଂଶଗ୍ରହଣ କରିଛନ୍ତି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ କହିଛନ୍ତି, ଆସନ୍ତା ମାସରେ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଅନୁଷ୍ଠିତ ହେବ ଏବଂ ଆଗାମୀ ମାସଗୁଡ଼ିକରେ ସାରା ଦେଶରେ

ଅନ୍ୟାନ୍ୟ ପ୍ରକାରର ଖେଳ ଅନୁଷ୍ଠିତ ହେବ। ଡକ୍ଟର ମାଣ୍ଡଭ୍ୟ କହିଛନ୍ତି, ସରକାର ଖେଲୋ ଇଣ୍ଡିଆ କ୍ରୀଡ଼ା କ୍ୟାଲେଣ୍ଡର ଚୂଡ଼ାନ୍ତ କରିସାରିଛନ୍ତି। ଖେଲୋ ଇଣ୍ଡିଆ ଖେଳ ଘରୋଇ କ୍ରୀଡ଼ା ଇକୋସିଷ୍ଟମକୁ ମଜବୁତ କରିବାରେ ଏବଂ ଯୋଗ୍ୟ ଖେଳାଳିମାନଙ୍କୁ ପ୍ରତିଯୋଗିତା, ପ୍ରଗତି ଓ ଉତ୍କର୍ଷ ହାସଲ କରିବା ଲାଗି ଅନେକ ସୁଯୋଗ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି।

..........................................................................